ପ୍ରେସ୍‌ନୋଟ୍

## ୨୩ ତାରିଖରେ ଅନୁଷ୍ଠିତ ହେବ ଭାରତୀୟ ବାୟୁସେନାର ନିଯୁକ୍ତି ରାଲି -

### ପ୍ରତ୍ୟେକ ଦିନ ୧୨୫ ଜଣ ପିଲା ରାଲିରେ ଅଂଶଗ୍ରହଣ କରିବେ ।

ଅନୁଗୋଳ,ତା. ୨୦.୯:- ୩୦ ଟି ଜିଲ୍ଲାର ପିଲାମାନଙ୍କୁ ନେଇ ଚଳିତ ମାସ ୨୩ ତାରିଖରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ପି ଟି ସି ପଡିଆରେ ଅନୁଷ୍ଠିତ ହେବ ଭାରତୀୟ ବାୟୁସେନାର ନିଯୁକ୍ତି ରାଲି । ଏହି ରାଲିର ସୁପରିଚାଳନା ପାଇଁ ଗତକାଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ପ୍ରତି କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଦିନ ୧୦୦ ରୁ ୧୨୫ ପିଲାଂକ ମଧ୍ୟରେ ବିଭିନ୍ନ ଚୟନ ପ୍ରକ୍ରୀୟା ଚାଲିବ । ଚଳିତ ମାସ ୨୩ ତରିଖରୁ ଅକ୍ଟୋବର ୪ ତାରିଖ ମଧ୍ୟରେ ୩ଟି ପର୍ଯ୍ୟାୟରେ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ । ଜିଲ୍ଲା ପ୍ରଶାସନ ତରଫରୁ ରାଲିର ଆୟୋଜନ ନିମନ୍ତେ ଆନୁସଂଗିକ ବ୍ୟବସ୍ଥା ଯଥା ପାନୀୟ ଜଳ ଯୋଗାଣ,ପଡିଆ,ପିଲା ରହୁଥିବା ଗୃହକୁ ସଫା ସୁତରା ଓ ବିଶୋଧନ କରିବା ସହ ଚୁଡାନ୍ତ ପର୍ଯ୍ୟାୟକୁ ଉନ୍ନିତ ହୋଇଥିବା ପିଲାମାନଂକ ପାଇଁ ଖାଦ୍ୟ ପେୟର ବ୍ୟବସ୍ଥା କରାଯିବ । ଚୟନ ପ୍ରକ୍ରିୟା ସମୟରେ ସାମାଜିକ ଦୂରତା ବଜାୟ ରଖିବା,ଗ୍ଲୋଭସ୍,ମାସ୍କ ଓ ହ୍ୟାଣ୍ଡ୍ ସାନିଟାଇଜର ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି । ଏହି ନିଯୁକ୍ତି ରାଲିରେ ସୋଲଜର ଟେକନିକାଲ ପାଇଁ ଯୁକ୍ତ ୨ ବିଜ୍ଞାନ ପାସ୍ ଓ ସୋଲଜର ନନ୍ ଟେକନିକାଲ ପଦବୀ ପାଇଁ ଅନ୍ୟ ବିଷୟରେ ଯୁକ୍ତ ୨ ପାସ୍ କରିଥିବା ଆବଶ୍ୟକ । ନିଯୁକ୍ତି ରାଲିକୁ ଆସୁଥିବା ପିଲାମାନେ ଅନ୍ ଲାଇନ୍‌ରେ ପାଇଥିବା ଆଡମିଟ୍ କାର୍ଡ ଦେଖାଇଲେ ସେମାନଂକୁ ପି ଟି ସି ମୁଖ୍ୟ ଫାଟକ ଠାରେ ୨୩ ତାରିଖ ସକାଳ ୫.୩୦ ଘଟିକାରେ ଥର୍ମାଲ ସ୍କାନିଂ କରାଯାଇ ଭିତରକୁ ପ୍ରବେଶ ନିମନ୍ତେ ଅନୁମତି ଦିଆଯିବ । ଚୁଡାନ୍ତ ପର୍ଯ୍ୟାୟରେ ଉନ୍ନିତ ପିଲାମାନଙ୍କୁ ପି ଟି ସି ଉଚ୍ଚ ବିଦ୍ୟାଳୟ ଠାରେ ରହିବାର ବ୍ୟବସ୍ଥା କରାଯାଇଥିବାବେଳେ ସମସ୍ତ ପ୍ରକାର ପରିକ୍ଷା ପାଇଁ ପି ଟି ସି ପଡିଆ ଓ ହଲ୍‌କୁ ସ୍ଥିର କରାଯାଇଛି । ଏହି ରାଲିକୁ କୋଭିଡ ନିୟମାବଳୀ ଆଧାରରେ ସଫଳତାର ସହ ଆୟୋଜନ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଂକୁ ପରାମର୍ଶ ଦେଇଛନ୍ତି । ରାଲିର ସୁପରିଚାଳନା ପାଇଁ ଭୁବନେଶ୍ୱର ୯ ଏୟାର ସିଲେକ୍ସନ୍ ସେଣ୍ଟରର ଉଇଂ‌ଗ୍ କମାଣ୍ଡର ଆର ଏସ୍ ରାଓ୍ୱତ୍ ତାଂକ ବିଭାଗର ୪୫ ଜଣ କର୍ମଚାରୀ ସହଯୋଗ କରିବେ ବୋଲି ପ୍ରକାଶ କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ଓ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥିଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।